# Akashvani, Sambalpur

## SAMBALPURI NEWS BULLETIN

### 4 September 2024- 6.47- 6.52 am.

*****************************************

ସୁଭଦ୍ରା ଯୋଜ୍‌ନା ଆର୍‌ଏନ୍‌ୟୁ / ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୧୭ ତାରିଖ୍ ଦିନ ସୁଭଦ୍ରା ଯୋଜ୍‌ନାର୍ ହିତାଧିକାରୀମାନ୍‌କୁ ଭୁବ୍‌ନେଶ୍ୱର୍ ଜନତା ମଇଦାନ୍ ନ ସୁଭଦ୍ରା କାର୍ଡ୍ ବାଂଟ୍‌ବେ । ଇ କାର୍ଯ୍ୟକ୍ରମ୍‌ର ପ୍ରସ୍ତୁତି ବାବ୍‌ଦେ ଗଲାକାଏଲ୍ ଲୋକ୍‌ସେବା ଭବନ୍ ନ ସୁଭଦ୍ରା ଯୋଜ୍‌ନା ରାଜ୍ୟସ୍ତରୀୟ ପରିଚାଳନା କମିଟିର୍ ବୈଠକ୍ ହେଇଯାଇଛେ । ଇଥି ମୁଖ୍ୟ ଶାସନ୍ ସଚିବ ମନୋଜ୍ ଆହୁଜା ଅଧ୍ୟକ୍ଷତା କରିକରି ସମାରୋହ ତୟାରିର୍ ଅଗ୍ରଗତି ବାବ୍‌ଦେ ବିଭାଗୀୟ ଅଧିକାରୀମାନ୍‌କର୍‌ନୁ ପଚ୍‌ରେଇକରି ବୁଝିଥିଲେ । ପ୍ରଧାନ୍‌ମନ୍ତ୍ରୀଙ୍କର୍ ଇ ସମାରୋହଥି ବହୁତ୍‌ଟେ ଲୁକ୍‌କର୍ ଭିଡ଼୍ ହେବା । ଇଥିର୍‌ଲାଗି କାର୍ଯ୍ୟକ୍ରମ୍‌ର ତୟାରି, ପାର୍କିଂ ଜାଗା, ଟ୍ରାଫିକ୍ ପରିଚାଳନା, ପରିବହନ୍ ବ୍ୟବସ୍ଥା ବାଗିର୍ ଭିନ୍ ଭିନ୍ ଦିଗ୍‌କେ ନେଇକରି ଆଲୋଚନା କରାଯାଇଛେ ।

ସୁଭଦ୍ରା ଯୋଜ୍ନା- ଫର୍ମ ସଂଗ୍ରହ ଆର୍ଏନ୍ୟୁ /ସମ୍ବଲପୁର

ରାଏଜେ ଆଏଜ୍ଠାନୁ ସୁଭଦ୍ରା ଯୋଜ୍ନା ଲାଗି ଆବେଦନ୍କାରୀମାନ୍କର୍ନୁ ଫର୍ମ ସଂଗ୍ରହ କାମ୍ ମୁଲ୍ ହେବା । ରାଜ୍ୟର୍ ସବୁ ମୋ ସେବା କେନ୍ଦ୍ର, ଜନସେବା କେନ୍ଦ୍ର ଆଉ ଜିଲ୍ଲାପାଲ୍ଙ୍କର୍ ନିର୍ଦ୍ଦେଶ୍ ଅନ୍ସାରେ ଚିହ୍ନଟ୍ ହେଇଥିବା ଜାଗା ଆର୍ କାର୍ଯ୍ୟାଲୟ ନ ଫର୍ମ ସଂଗ୍ରହ କରାଯିବା । ଫିଁ ଆଦେବନ୍କାରୀଙ୍କର୍ ଆବେଦନ୍ ପକ୍ରିୟାକେ ସହଜ୍ କର୍ବାର୍ ଲାଗି ରାଜ୍ୟ ସର୍କାର୍ ଭିନ୍ ଭିନ୍ ପଦକ୍ଷେପ୍ ନେଇଥିବା ବିଭାଗ୍ ତର୍ଫୁ ସୂଚ୍ନା ମିଲିଛେ ।

ଖଣି ସେସ୍ ଆର୍ଏନ୍ୟୁ /ସମ୍ବଲପୁର

ରାଜ୍ୟ ସର୍କାର୍ ରାଜ୍ୟର୍ ସ୍ୱାର୍ଥକେ ଅଗ୍ରାଧିକାର୍ ଦେଇକରି ଖଣି ସେସ୍ ଆଦାୟ କର୍ବାର୍ ଲାଗି କାର୍ଯ୍ୟପନ୍ଥା ଥିର୍ କର୍ବେ ବଲି ଖଣି ଆଉ ଇସ୍ପାତ୍ ମନ୍ତ୍ରୀ ବିଭୂତି ଭୂଷଣ୍ ଜେନା କହିଛନ୍ । ବିଧାନ୍ସଭା ନ ଖଣି ଆଉ ଇସ୍ପାତ୍ ବିଭାଗ୍ର ଖର୍ଚ୍ଚ ଦାବି

ଆଲୋଚନା ସମିଆଥି ଶ୍ରୀ ଜେନା କହିଛନ୍ ଯେ, ଧାରିଜ୍ ହେଇଥିବା ଦେୟ ଖଣି ମାଲିକ୍‌ମାନ୍‌କର୍ ଠାନୁ ଆଏବା ୨୦୨୬ ଏପ୍ରିଲ୍ ୧ ତାରିଖ୍‌ନୁ ୧୨ ବରସ୍ ତକ୍ କିସ୍ତି ଆକାରେ ଅସୁଲ୍ କରାଯିବା ।

ସିଆର୍‌ସି ଉଦ୍‌ଘାଟନ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ଭୁବ୍‌ନେଶ୍ୱର୍ କୃଷି ଭବନ୍ ନ ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଗଲାକାଏଲ୍ ଜଲ୍‌ବାୟୁ ଅନୁକୂଳ ଅନୁଶୀଳନ କକ୍ଷ - ସିଆର୍‌ସି ଉଦ୍‌ଘାଟନ୍ କରିଛନ୍ । ଇ ଅବ୍‌ସରେ ହେଇଥିବା ଉତ୍ସବ୍‌ଥି ଉଦ୍‌ବୋଧନ୍ ଦେଇକରି ଶ୍ରୀ ସିଂହଦେଓ ରାଏଜେ ଏବେ ହେଉଥିବା ଜଲ୍‌ବାୟୁ ପରିବର୍ତନ୍ ପରିସ୍ଥିତିଥି ଜଲ୍‌ବାୟୁ ସହନଶୀଳ କୃଷି ପଦ୍ଧତିକେ ଗ୍ରହଣ୍ କର୍‌ବାର୍ ଉପ୍‌ରେ ଜୋର୍ ଦେଇଥିଲେ । ସେ କହିଛନ୍ ଯେ, ଦକ୍ଷତା ବିକାଶ୍‌ଥି ଜଲ୍‌ବାୟୁ ଅନୁକୂଳ ଅନୁଶୀଳନ କକ୍ଷ ସହଯୋଗ୍ କର୍‌ବାର୍ ଲାଗି କୃଷି ଆଉ କୃଷକ୍ ସଶକ୍ତିକରଣ୍ ବିଭାଗ୍ ମିଶିକରି କାମ୍ କର୍‌ବେ । ଆନ୍ତର୍ଜାତୀୟ ଖାଦ୍ୟ ନୀତି ଗବେଷଣା ପ୍ରତିଷ୍ଠାନ୍ - ଆଇଏଫ୍‌ପିଆର୍‌ଆଇ ଆଉ ବିଜ୍ଞାନ୍, ପ୍ରଯୁକ୍ତିବିଦ୍ୟା ଆଉ ନୀତି

ଅଧ୍ୟୟନ୍ କେନ୍ଦ୍ର - ସିଏସ୍‌ଟିଇପି ବାଗିର୍ ଅନୁଷ୍ଠାନ୍ ମାନ୍‌କେ କାମ୍‌ଥି ଲଗାଯାଇଛେ ବଲି ମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ ।

ଅବ୍‌କାରୀ ବିଭାଗ୍ ଚଢ଼ଉ ଆର୍‌ଏନ୍‌ୟୁ / ସମ୍ବଲପୁର

ରାଏଜେ ବେଆଇନ୍ ମଦ୍‌ଭାଟି ଆଉ ବିକ୍ରି କରୁଥିବା ଜାଗା ମାନ୍‌କର୍ ଉପ୍‌ରେ ଗଲା ୧୫ ଦିନ୍ ହେଲା ଅବ୍‌କାରୀ ବିଭାଗ୍ ତର୍‌ଫୁ ଚଢ଼ଉ କରାଯାଉଛେ । ଇ ବାବ୍‌ଦେ ଗୁଟେ ପ୍ରତିକ୍ରିୟାଥି ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ କହିଛନ୍ ଯେ, ଆଘୋନୁ ଚାଲି ଆସିଥିବା ବେଆଇନ୍ ମଦ୍ କାର୍‌ବାର୍ ଉପ୍‌ରେ ସର୍‌କାର୍ କଡ଼ା ଆଭିମୁଖ୍ୟ ନେବେ । ସେ କହିଛନ୍ ଯେ, ଆଗ୍‌କେ ଇ ଅଭିଯାନ୍‌କେ ଜୋର୍‌ଦାର୍ କରାଯିବା ଆର୍ ସବୁ ବେଆଇନ୍ କାର୍‌ବାର୍ ଉପ୍‌ରେ ରୋକ୍ ଲଗାଯବା ।

ମାଓ ମୁକାବିଲା ଥିତି ସମୀକ୍ଷା ଆର୍‌ଏନ୍‌ୟୁ / ସମ୍ବଲପୁର

ରାଏଜେ ଆଏବା ୨୦୨୬ ମାର୍ଚ୍ଚ ତକ୍ ମାଓ ସଂଗଠନ୍‌କେ ମୁଲ୍‌ପୋଛ୍ କରାଯିବା ବଲି ପୁଲିସ୍ ମହାନିର୍ଦ୍ଦେଶକ୍ ଯୋଗେଶ୍ ବାହାଦୁର୍ ଖୁରାନିଆ କହିଛନ୍ । କମିଶନରେଟ୍ ପୁଲିସ୍

ମୁଖ୍ୟାଳୟ ନ ଥିବା କେମ୍ପ୍ କାର୍ଯ୍ୟାଳୟ ନ ମାଓ ମୁକାବିଲା ବାବ୍‌ଦେ ସମୀକ୍ଷା କରିକରି ନକ୍ସଲ୍ ଅଧ୍ୟୁଷିତ୍ ଜିଲ୍ଲାମାନ୍‌କର୍ ଏସ୍.ପି., ଦକ୍ଷିଣାଂଚଲ୍ ଆଉ ପର୍ଶ୍ଚିମାଂଚଲ୍ ଡିଆଇଜିଙ୍କର୍ ସାଙ୍ଗେ ସେ ଆଲୋଚନା କରିଥିଲେ । ଯେନ୍ ସବୁ ଜିଲ୍ଲା ମାଓ ସଂଗଠନ୍ ସକ୍ରିୟ ଅଛନ୍ ସେଠାନେ ପେଟ୍ରୋଲିଂ ବ୍ୟବସ୍ଥାକେ କଡ଼ାକଡ଼ି କର୍‌ବାର୍‌କେ ପୁଲିସ୍ ମହାନିର୍ଦ୍ଦେଶକ୍ ନିର୍ଦ୍ଦେଶ୍ ଦେଇଛନ୍ । କେନ୍ଦ୍ରୀୟ ରିଜର୍ଭ ପୁଲିସ୍ ବଳ- ସିଆର୍‌ପିଏଫ୍ ଆର୍ ସୀମା ସୁରକ୍ଷା ବଳ- ବିଏସ୍‌ଏଫ୍ ସଙ୍ଗେ ସମନ୍ୱୟ ରଖିକରି ମାଓବାଦୀଙ୍କର୍ ବିରୋଧ୍ ନ କମ୍ବିଂ ଅପରେସନ୍ ଜୋର୍‌ଦାର୍ କର୍‌ବାର୍‌କେ ସେ ଏସ୍.ପି ମାନ୍‌କୁ ନିର୍ଦ୍ଦେଶ୍ ଦେଇଥିଲେ ।

୬ ଝନ୍ ଆଇଏଏସ୍ ଅଧିକାରୀ ନିଯୁକ୍ତି ଆର୍‌ଏନ୍‌ୟୁ /ସମ୍ବଲପୁର

୨୦୨୨ ବେଚ୍‌ର ୬ ଝନ୍ ଆଇଏଏସ୍ ଅଧିକାରୀଙ୍କୁ ରାଜ୍ୟ ସର୍‌କାର୍ ଉପ ଜିଲ୍ଲାପାଲ୍ ଭାବେ ନିଯୁକ୍ତି ଦେଇଛନ୍ । ଅକ୍ଷୟ ପିଲାରୀଙ୍କୁ ବଣେଇ ଉପ ଜିଲ୍ଲାପାଲ୍ ଭାବେ ଦାୟିତ୍ୱ ଦିଆଯାଇଥିବାର୍ ବେଲେ ପ୍ରହଲ୍ଲାଦ୍ ନାରାୟଣ୍ ଶର୍ମାଙ୍କୁ ଆଠଗଡ଼, ଅରୁଗୁଲ୍ ସ୍ନେହାଙ୍କୁ ପଦ୍ମପୁର୍, ଏ.ଏସ୍. ରେଡ୍ଡିଙ୍କୁ

ଜୟପୁର୍ ଆର୍ ସୌମ୍ୟରଞ୍ଜନ୍ ପ୍ରଧାନ୍‌ଙ୍କୁ ରାଇରଙ୍ଗ୍‌ପୁର୍ ଉପ ଜିଲ୍ଲାପାଲ୍ ଭାବେ ନିଯୁକ୍ତି ଦିଆଯାଇଛେ ।

ବାର୍ଡ୍‌ଫ୍ଲୁ ଆର୍‌ଏନ୍‌ୟୁ / ସମ୍ବଲପୁର

ରାଜ୍ୟର୍ ବାର୍ଡ଼୍ ଫ୍ଲୁ ଥିତି ଯାଂଚ୍ କର୍‌ବାର୍‌କେ କେନ୍ଦ୍ରୀୟ ବିଶେଷଜ୍ଞ ଦଲ୍ ଆଏଜ୍ ଓଡ଼ିଶା ଆସୁଛନ୍ । ଇ ବିଶେଷଜ୍ଞ ଦଲ୍ ପୁରୀ ଜିଲ୍ଲାର୍ ସତ୍ୟବାଦୀ, ପିପିଲି, ନିମାପଡ଼ା ଆଉ ଡେଲାଙ୍ଗ ବ୍ଲକ୍ ନ ଥିତିର୍ ଯାଂଚ୍ କର୍‌ବେ । ଯେନ୍ ଜାଗା ନ ବାର୍ଡ଼୍ ଫ୍ଲୁ ଚାପିଛେ ସେ ଜାଗାମାନ୍‌କୁ ଯାଇକରି ଆଲୋଚନା କର୍‌ବାର୍ ସହେତେ କେନ୍ଦ୍ରକେ ରିପୋର୍ଟ ଦେବେ । ଆଏବା କାଏଲ୍ ଭିଲ୍ ଇ କେନ୍ଦ୍ରୀୟ ଦଲ୍ ଥିତି ସମିକ୍ଷା କର୍‌ବେ ।

ଫ୍ଲୋରାଇଡ୍ ମିଶା ପାଏନ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ରାଜ୍ୟର୍ ୬ ଟା ଜିଲ୍ଲାର୍ ୧୮ ଟା ଜାଗା ନ ଫ୍ଲୋରାଇଡ୍ ମିଶା ପାଏନ୍ ରହିଛେ । ସବୁନୁ ଅଏତ୍‌କା ବଲାଙ୍ଗିର୍ ଜିଲ୍ଲା ନ ୮ ଟା ମାଲ୍‌କାନ୍‌ଗିରି ନ ୫, ମୟୁର୍‌ଭଞ୍ଜ୍ ନ ୨, ବୌଦ୍ଧ, କଲାହାଣ୍ଡି ଆର୍ ନୟାଗଡ଼୍ ଜିଲ୍ଲାର୍ ଗୁଟେ ଲେଖା ଜାଗା ନ ଫ୍ଲୋରାଇଡ୍

ମିଶା ପାଏନ୍ ରହିଛେ ବଲି ପଂଚାୟତିରାଜ୍ ଆଉ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ୍ ନାଏକ୍ କହିଛନ୍ ।

ନିର୍ମାଣ କଲ୍ୟାଣ୍ ସହାୟତା ଯୋଜ୍ନା     ଝାର୍ସୁଗୁଡ଼ା
ସମ୍ବାଦଦାତା

ଝାର୍ସୁଗୁଡ଼ା ଜିଲ୍ଲା ନ ନିର୍ମାଣ କଲ୍ୟାଣ୍ ସହାୟତା ଯୋଜ୍ନା ଅଧୀନ୍‌ଥି ଭିନ୍ ଭିନ୍ ବର୍ଗ ୬୪ ଝନ୍‌କୁ ସାହାଜ୍ ଟଙ୍କା ବଂଟାଯାଇଛେ । ଜିଲ୍ଲା ଖଣିଜ ପାଣ୍ଠି ପ୍ରେକ୍ଷାଳୟ ନ ଗଲାକାଏଲ୍ ହେଇଥିବା ଗୁଟେ କାର୍ଯ୍ୟକ୍ରମ୍‌ଥି ଅତିରିକ୍ତ ଜିଲ୍ଲାପାଲ୍ ବ୍ରଜବନ୍ଧୁ ଭୋଇ ଶ୍ରମିକ୍‌ମାନ୍‌କୁ ଟଙ୍କା ଦେଇଥିଲେ ।

ପାଣିପାଗ          ଆର୍‌ଏନ୍‌ୟୁ / ସମ୍ବଲପୁର

ପଶ୍ଚିମ କେନ୍ଦ୍ରୀୟ ଆଉ ଉତର୍ ପଶ୍ଚିମ ବଙ୍ଗୋପ୍ ସାଗର୍ ନ ଆଏବା କାଏଲ୍ ଗୁଟେ ଲଘୁଚାପ୍ କ୍ଷେତ୍ର ସୃଷ୍ଟି ହେବା । ଇତାର୍ ପ୍ରଭାବ୍‌ଥି ଆଏବା କାଏଲ୍‌ନୁ ୮ ତାରିଖ୍ ଭିତ୍‌ରେ ରାଜ୍ୟର୍ କେତେଟା ଜିଲ୍ଲା ନ ବର୍ଷା ହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ ।

ଆଏଜ୍ ସୁନ୍ଦର୍‌ଗଡ଼୍, କଲାହାଣ୍ଡି ସହେତେ ରାଜ୍ୟର୍ ୧୪ ଟା ଜିଲ୍ଲା ନ ବର୍ଷା ହେଇପାରେ ବଲି ସୂଚ୍‌ନା ମିଲିଛେ ।